ଅନ୍ତରଙ୍ଗ ଆଳାପ :

ଓଡ଼ିଶୀ ସଙ୍ଗୀତ ଓ ଓଡ଼ିଆ ଭାଷା ତତ୍ତ୍ୱବିଦ୍ ଲେଖକ, ଗାୟକ , ଗୀତିକବି, ସଙ୍ଗୀତଗୁରୁ ଓ ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀଯୁକ୍ତ **କୀର୍ତ୍ତନ ନାରାୟଣ ପାଢ଼ୀ** ଙ୍କ ସହ'ଆମରିସତ୍ୟ' ପକ୍ଷରୁ ସାକ୍ଷାତ୍ ଓ ଆଲୋଚନା କରିଥିଲେ **ପ୍ରଶାନ୍ତ କୁମାର ଦାଶ**

ଜନ୍ମ- ଜାନୁଆରୀ ୧୧, ୧୯୫୧।
ଜନ୍ମସ୍ଥାନ- ପାଟନାସାହି , ଭାଟପଡ଼ା,ଭଦ୍ରକ
ପିତା- ୰ପୁରୁଷୋତ୍ତମ ପାଢୀ
ମାତା-୰ହାରାମଣୀ ପାଢୀ
ପତ୍ନୀ- ଶ୍ରୀମତୀ ମନ୍ଦାକ୍ରାନ୍ତା ପାଢୀ
ପ୍ରାଥମିକ ଶିକ୍ଷା- ପାଟଣାସାହି ଉଚ୍ଚପ୍ରାଥମିକ ବିଦ୍ୟାଳୟ
ମାଧମିକ ଶିକ୍ଷା- ତିହିଡ଼ି ଉଚ୍ଚ ଇଂଗ୍ରାଜୀ ବିଦ୍ୟାଳୟ
ମହାବିଦ୍ୟାଳୟ -ଫକୀରମୋହନ ମହାବିଦ୍ୟାଳୟ, ବାଲେଶ୍ୱର
ବିଶ୍ୱବିଦ୍ୟାଳୟ ଶିକ୍ଷା - ଉତ୍କଳ ବିଶ୍ୱବିଦ୍ୟାଳୟ
ସ୍ୱତନ୍ତ୍ର ଶିକ୍ଷା-ସଙ୍ଗୀତ ପ୍ରବୀଣ (ପ୍ରୟାଗ ସଙ୍ଗୀତ ସମିତି ଆଲ୍ଲାହାବାଦ୍)
ପଦପଦବୀ- ଓଡିଶାରାଜ୍ୟ ସରକାରଙ୍କ ଓଡିଶୀ ସଙ୍ଗୀତ ଶାସ୍ତ୍ରୀୟ ମାନ୍ୟତା କମିଟି ସଦସ୍ୟ, ଆକାଶବାଣୀ ସ୍ୱୀକୃତିପ୍ରାପ୍ତ ଗାୟକ,ଭାରତୀୟଷ୍ଟେଟ୍ ବ୍ୟାଙ୍କ୍‌ର ଅବସରପ୍ରାପ୍ତ ବରିଷ୍ଠ ପରିଚାଳକ ।

## ପ୍ରକାଶିତ ପୁସ୍ତକ

୧-ଗୀତ ଓ ଗୀତି କବିତା,
୨-ଓଡିଶୀ ସଙ୍ଗୀତ ଏକ ତାତ୍ତ୍ୱିକ ବିଶ୍ଳେଷଣ,
୩-ଓଡିଶୀ ସଙ୍ଗୀତ ରାଗର ଉଦ୍ଭବ ଓ ବିକାଶ,
୪-ଓଡିଶୀ ସଙ୍ଗୀତର ଇତିହାସ,
୫-ଓଡିଶୀ ସଙ୍ଗୀତ କିଛି ଜଣାଅଜଣା ତଥ୍ୟ,
୬-ନାଦ ଦର୍ଶନ,
୭-Odishi Vocal-A Model of Clasicism,
୮-ଓଡିଶୀରାଗ ଏକ ତୁଳନାତ୍ମକ ଅଧ୍ୟୟନ,
୯-ଗୀତି କବିତାର ବ୍ୟାକରଣ,
୧୦-ଓଡିଆଭାଷାର- ଶାସ୍ତ୍ରୀୟତା,
୧୧- ସତ ଓ ସପନ,
୧୨-ମନ ଓମିଳନ,
୧୩-ଓଡିଆ ଯାତ୍ରାର ଜନ୍ମ ଜାତକ,
୧୪-The Clasicality of Odishi music (under print)



ପଶ୍ନ.- ସଙ୍ଗୀତ କ୍ଷେତ୍ରରେ ଏତେ ଆଗ୍ରହୀ ହେବାରେ କାହାର ଅନୁପ୍ରେରଣା ଅଛି ?

ଉତ୍ତର- ମାତା, ପିତାଙ୍କର ।

ପଶ୍ନ.- ଜୀବନର ଏପରି ଏକ ଅନୁଭୂତି କୁହନ୍ତୁ ଯାହା ଆପଣଙ୍କୁ ଅତ୍ୟନ୍ତ ଦୁଃଖ ଦେଇଛି ।

ଉତ୍ତର- ୧୯୮୮ମସିହାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ର ପରିଚାଳକ ପଦବୀକୁ ଯୋଗ୍ୟତା ସତ୍ତ୍ୱେ ଉନ୍ନୀତ ନହେବା ।

ପଶ୍ନ. - କେଉଁ ଅଧିକ ଖୁସି ମୁହୂର୍ତ୍ତଟି ଆପଣଙ୍କର ଏବେ ସୁଦ୍ଧା ମନେଅଛି ?

ଉତ୍ତର- ତା୨୩/୭/୨୦୧୩ ରିଖ ରେ ଯେଉଁଦିନ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦେବାକୁ କେନ୍ଦ୍ରସାହିତ୍ୟଏକାଡେମୀର ବିଶେଷଜ୍ଞମାନେ ସୁପାରିଶ୍ କଲେ ।

ପଶ୍ନ. - ଯୁବବର୍ଗ ଆମର ନୃତ୍ୟ ସଙ୍ଗୀତ ତଥା ପରମ୍ପାରିକ ନାଚଗୀତ ପାଇଁ କିପରି ଆଗ୍ରହ ପ୍ରକାଶ କରିବେ, ସେଥିପାଇଁ ଆପଣଙ୍କର ଅଭିମତ କଣ ?

ଉତ୍ତର- ପରମ୍ପାରିକ ନାଚଗୀତ ନାମରେ ଯେମିତି ସେମିତି କିର୍ଯ୍ୟକ୍ରମ କଲେ ଯୁବବର୍ଗ ଆକର୍ଷିତ ହେବେନାହିଁ । ଏହାର ମୌଳିକତାକୁ ଅକ୍ଷୁର୍ଣ୍ଣ ରଖି ଯୁଗୋପଯୋଗୀ କରାଇପାରିଲେ ଯୁବବର୍ଗ ନିଶ୍ଚୟ ଆଗ୍ରହୀ ହେବେ ।

ପଶ୍ନ.- ଆପଣ ଅନେକ ପୁସ୍ତକ ରଚନା କରିଛନ୍ତି । ତନ୍ମଧରୁ କେଉଁଟି ସର୍ବାଧିକ ପାଠକୀୟ ଆଦୃତି ଲାଭ କରିଛି ?

ଉତ୍ତର- ଦୁଇଟି ଗୀତିକବିତା ପୁସ୍ତକକୁ ବାଦ୍ ଦେଲେ ମୋର ଅନ୍ୟ ସମସ୍ତ ପୁସ୍ତକ ଗବେଷଣାଧର୍ମୀ ହେବା ବ୍ୟତୀତ, ସେହି ସେହି ବିଷୟ ସମ୍ବଳିତ ଓଡିଆଭାଷାରେ ରଚିତ ପ୍ରଥମ ପୁସ୍ତକ ଅଟେ । ତେଣୁ ମୋର ପ୍ରାୟ ସମସ୍ତ ପୁସ୍ତକ ପାଠକୀୟ ଆଦୃତି ଲାଭକରିଛି ।

ପ୍ରଶ୍ନ.- ସାର୍ ୬୪ ବର୍ଷ ବୟସରେ ଏବେବି ଆପଣ କର୍ମଠ ଏବଂ ଓଡିଶୀ ପ୍ରତି ଆପଣଙ୍କର ଅନୁରାଗ ଯଥେଷ୍ଟ ଅଛି । ଓଡିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପାଇଁ ଆପଣଙ୍କ ସହଯୋଗ ଉଲ୍ଲେଖଯୋଗ୍ୟ ।ଏବେ ଓଡିଶୀ ସଙ୍ଗୀତର ଶାସ୍ତ୍ରୀୟ ମାନ୍ୟତା ପାଇଁ କିପ୍ରକାର ପ୍ରଚେଷ୍ଟା କରୁଛନ୍ତି ?

ଉତ୍ତର- ଶରୀର ଦୁର୍ବଳ ହୋଇଗଲେ ଅଧିକ କାମ କରି ହୁଏ ନାହିଁ ।ତେଣୁ ମୁଁ ୫୪ ବର୍ଷ ୬ ମାସ ବୟସରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରୁ ସ୍ୱେଚ୍ଛାକୃତ ଅବସର ନେଇ ଓଡିଶୀ ସଙ୍ଗୀତ, ଓଡିଆ ଗୀତିକବିତା, ଓଡିଆଭାଷା କ୍ଷେତ୍ରରେ ଗବେଷଣା କର୍ଯ୍ୟରେ ମନୋନିବେଶ କଲି । ଏବେ ମଧ୍ୟ ଦିନକୁ ଅନ୍ୟୁନ ୧୨ ଘଣ୍ଟା ପରିଶ୍ରମ କରୁଛି । ମୋର ଅଧ୍ୟୟନ, ସମୀକ୍ଷା ଓ ରଚନା କୌଣସି ପ୍ରଲୋଭନ ପାଇଁ ନୁହେଁ, ନିଜ ମନର ଆନନ୍ଦ ପାଇଁ କରୁଛି । କୌଣସି ନିଜ ରୁଚିର କାର୍ଯ୍ୟ ଖୁସି ମନରେ କଲେ ବାର୍ଦ୍ଧକ୍ୟ ବାଧା ଦେଇ ପାରେନା ।

ପ୍ରଶ୍ନ - ପିଲାଦିନେ ଆପଣଙ୍କର ଓଡିଶୀ ସଙ୍ଗୀତ ପାଇଁ ଅନୁରାଗ କିପରିସୃଷ୍ଟି ହେଲା ?

ଉତ୍ତର- ମୁଁ ୩ୟ ଶ୍ରେଣୀରେ ପଢିବାବେଳୁ ନିୟମିତ (୧୯୫୯ ମସିହାରୁ୧୯୯୮ ମସିହା ପର୍ଯ୍ୟନ୍ତ) ସଙ୍ଗୀତ ଶିକ୍ଷାର ସୁଯୋଗ ପାଇଛି । ମୋର ବାପା ମାଆ ସଙ୍ଗୀତ ଅନୁରାଗୀ ଥିଲେ । ମୋର ଜନ୍ମ ବେଳକୁ ଆମ ଘର ଆଗରେ ଅଷ୍ଟପ୍ରହରି ନାମଯଜ୍ଞ ଚାଲିଥିଲା ବୋଲି ମୋର ନାମ କୀର୍ତ୍ତନ ରଖିଥିଲେ । ସଙ୍ଗୀତ ମୋର ସଉକ, ସୁଖ ବା ବୃତ୍ତି ନୁହେଁ, ବରଂ ତାହା ମୋର ଜୀବନର ସାଧନା ଓ ପ୍ରବୃତ୍ତି ପାଲଟି ଯାଇଛି ।

ପ୍ରଶ୍ନ - ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ନୟାଗଡ ଶାଖାରେ ମୁଖ୍ୟପ୍ରବନ୍ଧକ ଥାଇ ଆପଣ ଏତେ ଲୋଭନୀୟ ଚାକିରୀ ଛାଡିଲେ କାହିଁକି ?

ଉତ୍ତର- ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଜିଲ୍ଲା ଉପଖଣ୍ଡ ସ୍ତରୀୟ ଓ ବଡବଡ ଶାଖାରେ ପରିଚାଳକ ଥାଇ କ୍ରମେ କାମର ବୋଝ ବଢିଲା । ମୋର ରୁଚିସମ୍ମତ ଗାୟନ, ଗବେଷଣା ଓ ପୁସ୍ତକ ରଚନା ପାଇଁ ପର୍ଯ୍ୟାପ୍ତ ସମୟ ମିଳିଲା ନାହିଁ । ତେଣୁ ବାଧ୍ୟ ହୋଇ ଚାକିରୀ ଛାଡିଲି । କାରଣ ଚାକିରୀ ପାଇଁ ଦକ୍ଷ ବ୍ୟକ୍ତିଙ୍କର ଅଭାବ ନାହିଁ । କିନ୍ତୁ ଭାଷା ଓ ସଙ୍ଗୀତ କ୍ଷେତ୍ରରେ କର୍ଯ୍ୟ କରିବାପାଇଁ କତିପୟ ପଣ୍ଡିତ ଥିଲେ ମଧ୍ୟ ଗବେଷକମାନଙ୍କର ଅଭାବ ଲକ୍ଷ୍ୟ କଲି । ଓଡିଆ ଭାଷା ଓ ସଙ୍ଗୀତର ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଁ ପ୍ରମାଣ ସିଦ୍ଧ କାର୍ଯ୍ୟ କରିବା ଏକ ଜାତୀୟ କର୍ତ୍ତବ୍ୟ ଅଟେ । ଯେଉଁଥିରେ ସାମିଲ୍ ହେବାପାଇଁ ସ୍ୱାର୍ଥ ଓ ଅର୍ଥ ଲୋଭ ପରିତ୍ୟାଗ କରିବା ଆବଶ୍ୟକ ।

ପ୍ରଶ୍ନ - ଅନିଶ୍ଚିତତା ମଧ୍ୟରେ ଚାକିରୀ ଛାଡିବାରୁ ଆପଣଙ୍କର ସହଧର୍ମିଣୀ ଏସବୁ କାମରେ ସହଯୋଗ କରନ୍ତି ନା ଆପଣଙ୍କୁ ନିବୃତ୍ତ ହେବାକୁ ଚାପ ପକାନ୍ତି ?

ଉତ୍ତର- ଚାକିରି ଛାଡିବାର ପ୍ରଥମ ଅବସ୍ଥାରେ ସହଧର୍ମିଣୀ ଅସହାୟ ଅନୁଭବ କରିଥିଲେ । ଯେତେବେଳେ ଦେଖିଲେ ମୋଦ୍ୱାରା କାରାଯାଉଥିବା ସଙ୍ଗୀତ ଓ ଭାଷାକ୍ଷେତ୍ରର ଉଲ୍ଲେଖଯୋଗ୍ୟ କାର୍ଯ୍ୟାବଳୀ ବହୁଳ ଆଦୃତ ହେଉଛି, ସେ ଖୁସି ହେବା ସହିତ ମତେ ପ୍ରଛନ୍ନ ସହଯୋଗ ଓ ଉତ୍ସାହ ଦେଉଛନ୍ତି ।


ପ୍ରଶ୍ନ - ଅନେକ କ୍ଷେତ୍ରରେ ଦେଖାଯାଏ ବିଶିଷ୍ଟ ଗାୟକ, ସଙ୍ଗୀତଜ୍ଞ ଏବଂ ପେଶାଦାର ଲେଖକ ଓ ଲେଖିକାଙ୍କର ବାର୍ଦ୍ଧକ୍ୟ ସମୟ ଅତ୍ୟନ୍ତ ଦୁଃଖପୂର୍ଣ୍ଣ ହୋଇଥାଏ । ଆପଣ ଏବେ କର୍ମଠ ଏବଂ ଶାରୀରିକ ଭାବରେ ସୁସ୍ଥ । ଭବିଷ୍ୟତରେ ଆପଣ ସେପରି ଅବସ୍ଥାକୁ ଫେରିବେ ନାହିଁ ତ ?

ଉତ୍ତର- ସରକାରୀ ନିୟମ ଅନୁସାରେ ୬୦ ବର୍ଷ ବୟସ ହେଲେ ବ୍ୟକ୍ତିବରିଷ୍ଠ ନାଗରିକ ବା ବୃଦ୍ଧ ହୋଇ ଯାଏ । ଅନ୍ୟ ଅର୍ଥରେ ରୋଜଗାର କରିବାକୁ ଅକ୍ଷମ ହୋଇଯାଏ । କେବଳ ଗାୟକ, ସଙ୍ଗୀତଜ୍ଞ, ଲେଖକ ନୁହନ୍ତି, ଅଧିକାଂଶ ଲୋକଙ୍କର ବାର୍ଦ୍ଧକ୍ୟ ଦୁଃଖପୂର୍ଣ୍ଣ ଅଟେ । ତେଣୁ ପ୍ରତ୍ୟେକ ବ୍ୟକ୍ତି, ତାର ସୁଦିନ ବା ଯୁବାବସ୍ଥା ଠାରୁ ଦୂରଦୃଷ୍ଟି ରଖି ବାର୍ଦ୍ଧକ୍ୟର ସମ୍ଭାବ୍ୟ ଦୁର୍ଦ୍ଦିନକୁ ସମ୍ଭାଳିବା ପାଇଁ ପ୍ରସ୍ତୁତ ରହିବା ଆବଶ୍ୟକ । ଯେଉଁମାନେ ସମାଜଲାଗି ନିଜକୁ ଉତ୍ସର୍ଗ କରିଛନ୍ତି ସେମାନଙ୍କ ଦୁର୍ଦ୍ଦିନରେ ସମାଜ ଓ ସରକାର ମଧ୍ୟ ଯୋଜନା କରିବା ଆବଶ୍ୟକ । ପୁଣି କେହି କେହି ରୋଗବ୍ୟାଧି, ମାନସିକ ଅଶାନ୍ତି ଓ ପରିସ୍ଥିତିର ଚାପରେ ୪୦ ବର୍ଷରେ ବୃଦ୍ଧ ହୋଇ ଯାଇ ପାରନ୍ତି । ଆଉ କେହି ୮୦ ବର୍ଷ ବୟସରେ ମଧ୍ୟ କାର୍ଯ୍ୟକ୍ଷମ ରହି ଯୁବସୁଲଭ ଉଦ୍ଦାମତା ପ୍ରଦର୍ଶନ କରନ୍ତି । ଭାରତରେ ଅଶୀତିପର ବୟସ୍କ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ସୂଚାରୁରୂପେ ଦେଶ ଶାସନ କରିବାର ଦୃଷ୍ଟାନ୍ତ ରହିଛି । ମୋ ବିଚାରରେ ଯାହାର ଆଉ ବୃଦ୍ଧି ହୁଏ ନାହିଁ ସେ ବୃଦ୍ଧ । ମୁଁ ବୃଦ୍ଧ ହୋଇଛି ବୋଲି ମନେ କରୁନାହିଁ । କାରଣ ମୋର ଅନେକ କାମ ବାକି ଅଛି । ଯଦି କେବେ ବୁଢା ହୋଇଯାଏ ସେ ଲାଗି ପ୍ରସ୍ତୁତ ଅଛି ।

ଯଉଁମାନେ କମ୍ କାମ କରନ୍ତି, ସେହିମାନେହିଁ ବେଶି କଥା କହନ୍ତି ।

ପଶ୍ନ - ଓଡିଶୀ ସଙ୍ଗୀତର ବିକାଶ ପାଇଁ ଆପଣଙ୍କର ଭବିଷ୍ୟତ ଯୋଜନା କଣ ରଖିଛନ୍ତି ?

ଉତ୍ତର- ଓଡିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ବୋଲି ପ୍ରମାଣିତ କରିବା ମୋ




ଜୀବନର ଲକ୍ଷ୍ୟ । ତେଣୁ ଓଡିଶୀ ସଙ୍ଗୀତର ତତ୍ତ୍ୱ, କ୍ରିୟାତ୍ମକ ପରିବେଷଣ ଉଭୟ କ୍ଷେତ୍ରରେ ଗବେଷଣା ଜାରିରଖିଛି । ୧୪ ଖଣ୍ଡ ପୁସ୍ତକ ଲେଖିସାରଛି ଓ ଆହୁରି ଅନ୍ୟୁନ ୧୦ ଖଣ୍ଡ ଲେଖିବାର ଅଭିପ୍ରାୟ ରହିଛି ।୧୦୧ଟି ଓଡିଶୀରାଗର ସ୍ୱର ସଂଯୋଜନା କରିଛି । ସିଡି ମାଧ୍ୟମରେ ନୂତନ ଓ ପ୍ରାଚୀନଗାୟକମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରସାରଣ କରାଇଛି । ଏଥି ପୂର୍ବରୁ ୬ଟିରାଗ, ୪ଟି ତାଳ ଆଧାରିତ ୬ଟି ଗୀତ ମୋ ନିର୍ଦ୍ଦେଶନାରେ ମୁକ୍ତିଲାଭ କରିଛି । "ଶ୍ୟାମସଙ୍ଗିନୀରେ" ନାମରେ ଏହି କ୍ୟାସେଟ୍‌ରେ କଣ୍ଠ ଦାନ କରିଛନ୍ତି ପଣ୍ଡିତ ଘନଶ୍ୟାମ ପଣ୍ଡା, ଶ୍ରୀମତୀ ଭୁବନେଶ୍ୱରୀ ମିଶ୍ର, ମୁଁ ନିଜେ ଓ ଶ୍ରୀମତୀ ମନ୍ଦାକ୍ରାନ୍ତା ପାଢୀ । ଓଡିଶାରୁ ୪୨ ଜଣ ସଙ୍ଗୀତଜ୍ଞଙ୍କୁ ଏକାଠି କରି ୨୦୧୨ମସିହା ଏପ୍ରିଲ୍ ୨୭ରୁ ୨୯ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ଏକ ବିରାଟ ଓଡିଶୀ ସଙ୍ଗୀତ ସମ୍ମିଳନୀର ଆୟୋଜନ କରାଇଛି । ଯେଉଁଥିରେ ଅନ୍ୟାନ୍ୟ ଓଡିଶୀ କଳା ମଧ୍ୟ ସ୍ଥାନ ପାଇଥିଲା । ବର୍ତ୍ତମାନ ଓଡିଶା ସରକାର ଓଡିଶୀ ସଙ୍ଗୀତକୁ ଶାସ୍ତ୍ରୀୟ କରିବାପାଇଁ ଗଠନ କରିଥିବା କମିଟିର ମୁଁ ଅନ୍ୟତମ ସଦସ୍ୟ ଅଛି । ତତ୍ ସମ୍ପର୍କିତ ବିବରଣୀ ପ୍ରସ୍ତୁତିରେ ମୋର ବର୍ତ୍ତମାନର ଅଧିକାଂଶ ସମୟ ବିନିଯୋଗ କରୁଛି । ମୋ ଲିଖିତ 'ଓଡିଆଭାଷାର ଶାସ୍ତ୍ରୀୟତା 'ପୁସ୍ତକଟି ତା ୦୮-୦୯-୨୦୧୨ ରେ ପ୍ରକାଶିତ ହୋଇଛି । ଓଡିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦାବିରେ ଏହି ପୁସ୍ତକ ବିଶେଷ ସହାୟକ ହୋଇଛି । ଓଡିଆଭାଷା ଶାସ୍ତ୍ରୀୟ ବୋଲି ତା୨୦-୦୨-୨୦୧୪ରେ ଭାରତ ସରକାର ସ୍ୱୀକୃତି ଦେଲେ । ଭାଷା କମିଟିର ସଦସ୍ୟ ଭାବେ ମୁଁ ଅତ୍ୟନ୍ତ ଆନନ୍ଦିତ । ସେହିପରି ମୋ ଲିଖିତ କେତେକ ପ୍ରବନ୍ଧ ଓ ପୁସ୍ତକକୁ ଆଧାର କରି ତା୨୯-୦୯- ୨୦୦୮ରେ ଓଡିଶା ସରକାର ଓଡିଶୀସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଛନ୍ତି । ଓଡିଶୀ ସଙ୍ଗୀତ ଭବିଷ୍ୟତରେ ଶାସ୍ତ୍ରୀୟ ମାନ୍ୟତା ନିଶ୍ଚୟ ପାଇବ ।

ପଶ୍ନ.- ଦେଖାଯାଏ ବହୁ ଛାତ୍ରଛାତ୍ରୀ ନାଚ, ଗୀତ ତଥା ଅନ୍ୟାନ୍ୟ କଳା ପ୍ରତି ରୁଚି ଥିଲେବି ପରିବାର ପ୍ରୋତ୍ସାହନ ନପାଇ ନିଜ ଅନ୍ତର୍ନିହିତ କଳାର ବିକାଶ କରିପାରନ୍ତି ନାହିଁ । ସେମାନଙ୍କ ପ୍ରତି ଆପଣଙ୍କ ବାର୍ତ୍ତା କଣ ?

ଉତ୍ତର- ଗୀତ, ବାଦ୍ୟ ଓ ନୃତ୍ୟ; ଦେବ ଉପାସନାର ଶ୍ରେଷ୍ଠ ମାଧ୍ୟମ । ଏହାଦ୍ୱାରା ମଣିଷକୁ ଆତ୍ମିକ ଆନନ୍ଦ ମିଳେ ଓ ଜୀବନ ରସମୟ ହୁଏ । ଦୁଃଖର ବିଷୟ କେତେକ ପରିବାର ନିଜ ଆଗ୍ରହୀ ପିଲାମାନଙ୍କୁ ଏଥିପାଇଁ ପ୍ରୋତ୍ସାହନ ଦିଅନ୍ତି ନାହିଁ । ଅର୍ଥ ଓ ପ୍ରତିଷ୍ଠା ଦେଇ ପାରୁଥିବା ବିଦ୍ୟାର୍ଜନ ପାଇଁ ଗୁରୁତ୍ୱ ଦିଅନ୍ତି । କିନ୍ତୁ ବୁଝିବା ଆବଶ୍ୟକ ଯେ କେବଳଅର୍ଥର ଅଧିକାରୀ ହେଲେ ମଣିଷ ସୁଖଶାନ୍ତିରେ ବଂଚି ପାରେ ନାହିଁ । ମନ ଓ ପ୍ରାଣର ଆନନ୍ଦ ସଙ୍ଗୀତ ଓ କଳାରୁ ମିଳିଥାଏ । ତେଣୁ କୁହାଯାଇଛି "ନ ବିଦ୍ୟା ସଙ୍ଗୀତାତ୍ ପରା" । ତେଣୁ ଯୁବପୀଢି ଯେକୌଣସି ବୃତ୍ତିରେ ଥାଇ କଳାତ୍ମକ ବିଦ୍ୟା ମଧରୁ ଗୋଟିଏ ଅଭ୍ୟାସ ଜାରି ରଖନ୍ତୁ । ତାହେଲେ କଳାକୁ ସାହାଯ୍ୟ କରିବା ସହିତ ନିଜ ଆତ୍ମାକୁ ଶାନ୍ତି କରି ପାରିବେ ।

ପଶ୍ନ- "ଆମରିସତ୍ୟ" ଏକ ମାସିକ ପତ୍ରିକା । ଏହାର ପାଠକ ସଂଖ୍ୟା ବଢୁଛି । ଏହିପତ୍ରିକାର ବିକାଶ ପାଇଁ ଛୋଟ ପ୍ରସ୍ତାବଟିଏ ଦିଅନ୍ତୁ ।

ଉତ୍ତର- ନିଃସନ୍ଦେହରେ "ଆମରିସତ୍ୟ" ସବୁ ବର୍ଗଙ୍କୁ ସୁହାଇବା ପରି ଏକ ଆକର୍ଷଣୀୟ ମାସିକ ପତ୍ରିକା । ଓଡିଆ ଭାଷା ପାଇଁ ଏହାର ଅବଦାନ ଅନୁକରଣୀୟ । ଏଥିରେ ଓଡିଆ ଭାଷା ଜ୍ଞାନ ସଂପର୍କୀତ କ୍ୱିଜ୍‌ଟିଏ ପୁରସ୍କାର ଯୋଜନା ସହ ଦେଲେ ଭଲ ହେବ ।